## ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, (ନି.ପ୍ର.)- ଅବକାରୀ ବିଭାଗ ଚଢ଼ାଉ କରି ମଙ୍ଗଳବାର ବିପୁଳ ପରିମାଣରେ ମଦ ଓ ପୋଚ ଜବତ କରିଛି। ଜୟପୁର ସଦର ଥାନା ଅନ୍ତର୍ଗତ ଡିମଳା ଜଙ୍ଗଲରେ ମଦ ମାଫିଆମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଏହି ଚଢ଼ାଉ କରାଯାଇଥିଲା। ୧୭ଶହ ଲିଟର ପୋଚ ଓ ୮୦ ଲିଟର ଦେଶୀ ମଦ କୁ ଜବତ କରି ନଷ୍ଟ କରାଯାଇଛି। ଘଟଣା ସ୍ଥଳରୁ ମଦରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ ହୋଇଛି। ଚଢ଼ାଉରେ ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ ତାଣ୍ଡି, ଏଏସ୍ଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାରାଣ୍ଡି ସାମିଲ ହୋଇଥିଲେ।

**ସଂକ୍ଷେପରେ**

## କୃଷି ବିଭାଗ ପକ୍ଷରୁ ହରଡ଼ ବିହନ ବିତରଣ



କୁଡୁମୁଲୁଗୁମ୍ମା,୧୨।୭(ଡି.ଏନ.ଏ.- ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମାରେ କୃଷି ବିଭାଗ ଓ ଆଇକାର୍ଡ ସଂସ୍ଥା ପକ୍ଷରୁ ହରଡ ବିହନ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଡୁମୁଲୁଗୁମ୍ମା ଓ ପରକନମାଳା ପଞ୍ଚାୟତର ୨୦୦ ଜଣ ଚାଷୀଙ୍କୁ ୪ କେଜି ହରଡ ଡାଲି ବିହନ ପ୍ୟାକେଟ ସହ ଔଷଧ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବ୍ଲକ କୃଷି ଅଧିକାରୀ ହେମନ୍ତ କୁମାର ପଡ଼ିଆରିଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ଉକ୍ତ ଅଞ୍ଚଳରେ ପ୍ରଥମଥର ପାଇଁ ଏହି ବିହନ ବିତରଣ କରାଯାଇଛି। ଏହାଦ୍ୱାରା ଚାଷୀ ଲାଭବାନ ହୋଇପାରିବେ ବୋଲି ପଡିଆରି କହିଥିଲେ। ଭିଏଡବ୍ଲ୍ୟୁ ଶ୍ରୀକାନ୍ତ ନରମଚେଟି ଓ କୃଷକ ସାଥୀ ଗୋବିନ୍ଦ ଚନ୍ଦ୍ର ରାଉତ ସହଯୋଗ କରିଥିଲେ।

## ଶିବମନ୍ଦିରରୁ ଚୋରି, ଅଭିଯୁକ୍ତ ଗିରଫ

ମାଲକାନଗିରି,୧୨।୭ (ଡି.ଏନ୍.ଏ.)- ଗତକାଲି ମଧ୍ୟରାତ୍ରିରେ ମାଲକାନଗିରି ସହରକୁ ଲାଗିଥିବା ଗୋଇ ପର୍ବତ ଉପରେ ଥିବା ମଲ୍ଲିକେଶ୍ୱର ମନ୍ଦିରରେ ପିତଳ ନିର୍ମିତ ସପ୍ତଫେଣୀ ନାଗର ମୂର୍ତ୍ତି ସହ ଗୋଟିଏ ବୋରୱେଲ ପାଣି ମୋଟର ଚୋରି ହୋଇଥିଲା। ମଙ୍ଗଳବାର ସକାଳେ ମନ୍ଦିର ପୂଜକ ଏହା ଜାଣିବା ପରେ ମନ୍ଦିର



ପରିଚାଳନା କମିଟିକୁ ଜଣାଇଥିଲେ। ଏ ନେଇ ପରିଚାଳନା କମିଟି ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ମାମଲା (୩୮/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେ ହେଲେ ପଶ୍ଚିମ ବଙ୍ଗଳା ଭାଗାଲପୁର ଥାନା ଅନ୍ତର୍ଗତ ତିରାଇପୁର ଗ୍ରାମର ମାନସ ମାଇତି। ତାଙ୍କ ନିକଟରୁ ଗୋଟିଏ ବୋରୱେଲ ମୋଟର ଓ ସପ୍ତଫେଣୀ ନାଗ ମୂର୍ତ୍ତି ଉଦ୍ଧାର କରାଯାଇଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି।

## ମହିଳାଙ୍କ ଆତ୍ମହତ୍ୟା

ଜୟପୁର, ୧୩।୭ (ନି.ପ୍ର.)-ବେକରେ ଓଢ଼ଣି ଦେଇ ଜଣେ ମହିଳା ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ସେ ଜୟପୁର ସାନତେଲି ସାହିର ଭି. ସନ୍ତୋଷ କୁମାରଙ୍କ ସ୍ତ୍ରୀ ଭି. ଲକ୍ଷ୍ମୀ (୨୨) ବୋଲି ଜଣାପଡିଛି। ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛି। ୨୨୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

## ଦେଶୀ ମଦ ଚାଲାଣ ବେଳେ ଚଢ଼ାଉ

ଜୟପୁର, ୧୩।୭ (ନି.ପ୍ର.) ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢ଼ାଉ କରିଛି। ଏହି ମାମଲାରେ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ମୁଳାଶର ଗ୍ରାମର ନରେନ୍ଦ୍ର ହରିଜନ। ଦେଶି ମଦ ଚାଲାଣ କରୁଥିବା ବେଳେ ଜୟପୁର ଅବକାରି ବିଭାଗ ସୁଚନା ପାଇ ମୁଳାଶର ରାସ୍ତାରେ ନରେନ୍ଦ୍ରଙ୍କୁ ଧରିଥିଲା। ଏହି ଚଢ଼ାଉ ରେ ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ ତାଣ୍ଡି, ଏଏସ୍ଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାରାଣ୍ଡି ସାମିଲ ହୋଇଥିଲେ।

## ଭକ୍ତବନ୍ଧୁ ଜନାର୍ଦ୍ଦନ ଦଲେଇ କୋରାପୁଟ ନୂଆ ଉପଜିଲାପାଳ

କୋରାପୁଟ,୧୨।୭(ସ୍ୱ.ପ୍ର.)-କୋରାପୁଟର ନୂତନ ଉପଜିଲାପାଳ ଭାବେ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଲେଇଙ୍କୁ ବଦଳି କରାଯାଇଛି। ପୂର୍ବରୁ ଥିବା କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁରଙ୍କୁ ଗଜପତି ଜିଲାର ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ବଦଳି ହୋଇଛି। ଭକ୍ତବନ୍ଧୁ ବର୍ତ୍ତମାନ କୋରାପୁଟ ଜିଲାର କୋଟପାଡ ତହସିଲଦାର ଭାବେ କାର୍ଯ୍ୟ କରୁଛନ୍ତି।

## କ୍ଲାସ୍ ରୁମ୍‌ରେ ଆଣ୍ଠୁଏ ପାଣି



ଜୟପୁର, ୧୨।୭ (ନି.ପ୍ର.)-ଦୀର୍ଘ ୩ ଦିନ ହେବ ଲଗାଣ ବର୍ଷା ଜାରି ରହିଛି। ଫଳରେ ଜୟପୁର ସହରର କୁନ୍ଦାରିଗୁଡା ପ୍ରାଥମିକ ବିଦ୍ୟାଳୟର କ୍ଲାସ୍ ରୁମ୍‌ରେ ଆଣ୍ଠୁଏ ପାଣି ଜମି ରହିଛି। ଫଳରେ ପିଲାମାନେ ପାଠ ପଢିବା ଓ ମଧ୍ୟାହ୍ନଭୋଜନ ଖାଇବାରେ ଅସୁବିଧା ହେଉଛି। ବିଦ୍ୟାଳୟରେ ୪ଟି ଶ୍ରେଣୀ ଗୃହ ଥିବା ବେଳେ ୧୫୭ ଜଣ ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନ କରୁଛନ୍ତି। ପ୍ରଥମଠାରୁ ପଞ୍ଚମ ଯାଏ ଶିକ୍ଷାଦାନ ହେଉଛି। ୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି।

# ପ୍ରବଳ ବର୍ଷାରେ ମାଲକାନଗିରି ବେହାଲ

ମାଲକାନଗିରି, ୧୨।୭ (ଡି.ଏନ.ଏ.)

ଗତ ଏକ ସପ୍ତାହ ଧରି ମାଲକାନଗିରି ଜିଲାରେ ଲଗାଣ ବର୍ଷା ଜାରି ରହିଛି। ଫଳରେ ଜିଲାରେ ସ୍ଥିତି ଅଣାୟତ ହେବାରେ ଲାଗିଛି। ସାବେରୀ, ସିଲେରୁ, ଚିନା ଗୋଦାବରୀ ଆଦି ନଦୀରେ ଜଳସ୍ତର ବୃଦ୍ଧି ପାଇ ତଳିଆ ଅଞ୍ଚଳରେ ରାସ୍ତା ଉପରକୁ ଜଳ ଆସି ଯାତାୟାତ ବନ୍ଦ ହୋଇପଡିଛି। ପ୍ରତିବର୍ଷ ଜିଲ୍ଲାରେ ଏଭଳି ସ୍ଥିତି ଉପୁଜୁଥିବା ବେଳେ ପୋଲାଭରମ ପ୍ରକଳ୍ପ ଯୋଗୁ ଆସୁଥିବା ପଛୁଆ ଜଳ ଏହାର ଏକ ମୁଖ୍ୟ କାରଣ ବୋଲି କୁହାଯାଉଛି। ଏହି ପ୍ରକଳ୍ପରୁ ନିଷ୍କାସିତ ଗୋଦାବରୀ ନଦୀର ଜଳ ୨ ନଂ. ବିପଦ ସଙ୍କେତ ଉପରେ ପ୍ରଭାବିତ ହେଉଥିବାରୁ ମାଲକାନଗିରି ଜିଲାର ମୋଟୁ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବର୍ତ୍ତମାନ ସୁଦ୍ଧା ପୋଲାଭରମର ୪୮ଟି ଗେଟରୁ ୯ ଲକ୍ଷ କ୍ୟୁସେକ ଜଳ ଛଡାଯିବା ଫଳରେ ମୋଟୁ ଓ ଚିନ୍ତୁର ୩୨୬ ଜାତୀୟ ରାଜପଥ ଉପରେ ଜଳ ପ୍ରବାହିତ ହୋଇ ମାଲକାନଗିର-ହାଇଦ୍ରାବାଦ ଯାତାୟାତ ଠପ ହୋଇଯାଇଛି। ଉଭୟ ପଟେ ବହୁ ଦୂରଗାମୀ ବସ ଓ ଟ୍ରକ ଅଟକି ରହିଛି। ମୋଟୁ ଓ କାଲିମେଳା ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଅନ୍ୟପକ୍ଷରେ ପ୍ରବଳ ବର୍ଷା ଯୋଗୁ ପାଙ୍ଗାମ ପୋଟେରୁ ନଦୀରେ ଜଳ ସ୍ତର ମଧ୍ୟ ବୃଦ୍ଧିପାଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଲଗାଣ ବର୍ଷା ପ୍ରଭାବରେ ବିଭିନ୍ନ ସ୍ଥାନରେ ଗଛ ପଡିବା ସହ ଅନେକ କଚ୍ଚା ଘର ମଧ୍ୟ ଭାଙ୍ଗି ଯାଇଥିବା ଜଣାପଡିଛି। ଜିଲାରେ ଗତ ୨୪ ଘଣ୍ଟା ମଧ୍ୟରେ ୯୭.୭୪ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ମାଲକାନଗିରି ଜିଲାର ଛୋଟ ବଡ଼ ନଦୀ ଗୁଡିକର ଜଳସ୍ତର ମଧ୍ୟ ବୃଦ୍ଧି ପାଇଥିବାରୁ ପ୍ରଶାସନ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ବନ୍ୟାର ସଠିକ ମୁକାବିଲା କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବିଡିଓ, ତହସିଲଦାର, ଜରୁରୀ କାଳୀନ ବିଭାଗ କର୍ମଚାରୀଙ୍କୁ ସଜାଗ ରହିବା ପାଇଁ କୁହାଯାଇଛି । ଯେଉଁ ସ୍ଥାନରେ ବି ବନ୍ୟା ପରିସ୍ଥିତି ଉପୁଜେ ସେହି ସ୍ଥାନର ତଳିଆ ଅଞ୍ଚଳରେ ରହିଥିବା ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେବାକୁ କୁହାଯାଇ ସେମାନଙ୍କ ପାଇଁ ସହ ସୁଖିଲା ଓ ରନ୍ଧା ଖାଦ୍ୟ ବ୍ୟବସ୍ଥା କରିବା ଲାଗି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।



ବର୍ଷାଯୋଗୁ ନଦୀରେ ଆସିଥିବା ପାଣି ।

## କାଲିମେଳାରେ ପ୍ରବଳ ବର୍ଷା: ମାଲକାନଗିରି-ଆନ୍ଧ୍ର ଯୋଗାଯୋଗ ବିଚ୍ଛିନ୍ନ

ଏମ୍‌ଭି ୭୯,୧୨।୭(ଡି.ଏନ.ଏ.)

- ପୋଲ ଉପରେ ୬ଫୁଟ ବନ୍ୟା ଜଳ
- ଗୋଦାବରୀର ପଛୁଆ ଜଳରେ ରାସ୍ତା ସବୁ ବୁଡ଼ିଯାଇଛି
- ସତର୍କ ଦୃଷ୍ଟି ରଖିଛି ଜିଲା ପ୍ରଶାସନ

ମାଲକାନଗିରି ଜିଲା କାଲିମେଳା ବ୍ଲକରେ ପ୍ରବଳ ବର୍ଷା ଜାରି ରହିଛି। ଏଠାରେ ଲଗାଣ ବର୍ଷାରେ ମୋଟୁ ଚିନ୍ତୁର ଜାତୀୟ ରାଜପଥ ପାଣିରେ ବୁଡ଼ିଯାଇଛି। ମୋଟୁ-ଚିନ୍ତୁର ମଝିରେ ଥିବା କୁଇଗୁର ପୋଲ ଉପରେ ୬ଫୁଟ ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ଚିନ୍ତୁରଠାରୁ ଭଦ୍ରାଞ୍ଚଳମ ଯାଇଥିବା ମୁଖ୍ୟ ରାସ୍ତାର ନିଲିପକା ନିକଟରେ ମଧ୍ୟ ପୋଲ ବନ୍ୟାପାଣିରେ ବୁଡିଯାଇଛି। ଫଳରେ ମାଲକାନଗିରିରୁ ଆନ୍ଧ୍ର ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଉଭୟ ପଟେ ବହୁ ଦୂରଗାମୀ ବସ୍ ଓ ଟ୍ରକ୍ ଅଟକି ରହିଛି। ଲଗାଣ ବର୍ଷା ଯୋଗୁ ଗୋଦାବରୀ ନଦୀ ଫୁଲୁଥିବାରୁ ନଦୀର ପଛୁଆ ଜଳରେ ଏହି ରାସ୍ତା ସବୁ ବୁଡିଯାଇଥିବା ଦେଖିବାକୁ ମିଳିଛି। ଗୋଦାବରୀ ନଦୀ ଦ୍ୱିତୀୟ ବିପଦ ସଙ୍କେତ ଉପରେ ରହିଛି। ମାଲକାନଗିରି ଜିଲାର ଛୋଟ ବଡ଼ ନଦୀଗୁଡିକର ଜଳସ୍ତର ବୃଦ୍ଧି ପାଇଥିବାରୁ ପ୍ରଶାସନ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଛି। ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ଥିବା ବେଳେ ରାଜସ୍ୱ ବିଭାଗ ସ୍ଥିତି ଉପରେ ନଜର ରଖିଛି। ସମସ୍ତଙ୍କ ପାଇଁ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯିବାକୁ ଚେଷ୍ଟା ଚାଲିଥିବା ମୋଟୁ ପିଇଓ ସୂଚନା ଦେଇଛନ୍ତି।

## ଉତ୍କଳ କରାଟେ ସ୍କୁଲର କରାଟେକାଙ୍କୁ ବେଲ୍ଟ, ମେଡାଲ ପ୍ରଦାନ

ସୁନାବେଡା,୧୨।୧୦(ସ୍ୱ.ପ୍ର.)

ସୁନାବେଡ଼ାସ୍ଥିତ ୨୦୨ କୋବ୍ରା ଟାଉନସିପର ଦେଓମାଳି ପ୍ରେକ୍ଷାଳୟରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉତ୍କଳ କରାଟେ ସ୍କୁଲର କରାଟେକାଙ୍କୁ ବେଲ୍ଟ, ମେଡାଲ ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ୨୦୨ କୋବ୍ରା ବାଟାଲିୟନର ସିଓପି ଏସ୍.ଏଚ୍. ବୃନୋଏ ଯୋଗ ଦେଇଥିଲେ। ଉତ୍କଳ କରାଟେ ସ୍କୁଲର କୋବ୍ରା ଶାଖାର କରାଟେକା ପୁଷ୍ପା ଗିରି, ଆୟୁଷ ପାଓ୍ୱାର, ଗୌତମ ଜିତ, ବିଷ୍ଣୁଜିତ, ସାଇନାଥ ଦାପକେ, ତୌହିଦ ଅଲି, କମରୁଲ ହସନ, ପ୍ରଭବ ସେନ , ରୁଦ୍ରା ଭଗବାନ ଓ ଅଫସାଙ୍କୁ ବେଲ୍ଟ ପ୍ରଦାନ କରାଯାଇଥିଲା। ଉତ୍କଳ କରାଟେ ବିଦ୍ୟାଳୟ ଇଷ୍ଟ ଜୋନ୍ କରାଟେ ପ୍ରତିଯୋଗିତାରେ ୫ ଜଣ ସ୍ୱର୍ଣ୍ଣପଦକ ବିଜେତା ଅର୍ଣ୍ଣଭ ବିଶୋୟୀ, ଅନୁରାଧା ବେହେରା ଚନ୍ଦକା ଯୁବରଜ,ରଣପ୍ରୀତ ନାୟକ, ଶୋଭନ ତ୍ରିପାଠୀ, ରୌପ୍ୟ ଓ କାଂସ୍ୟ ପଦକ ବିଜେତା ପୁନିତ ମହନ୍ତ, ରତ୍ନସ୍ମିରା ସିଂ, ରତ୍ନପର୍ଣ୍ଣା ସାମନ୍ତରାୟ ,ଆନନ୍ଦ ଚନ୍ଦ୍ର ବିହାରୀଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ । ସୁନାବେଡ଼ା ଉତ୍କଳ କରାଟେ ସ୍କୁଲ ମୁଖ୍ୟ ମହେଶ ଚନ୍ଦ୍ର ବରାଳ ଓ କୋବ୍ରା ଶାଖାର କୋଚ ତପନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଟ ଓଗାଳିଛି ଅନ୍ଧାରୀ ନଦୀ

ଦଶମନ୍ତପୁର,୧୨।୭( ଡି.ଏନ.ଏ.)

- ବର୍ଷାଦିନେ ଜଳବନ୍ଦୀ ଜୀବନ ବିତାନ୍ତି ୫୦ ପରିବାର
- ଜୀବନକୁ ବାଜି ଲଗାଇ ନଦୀ ପାର ହୁଅନ୍ତି
- ଟଙ୍କା ମଞ୍ଜୁର ହୋଇଛି, କାମ ଆରମ୍ଭ ହେଉନି

ବର୍ଷା ଯୋଗୁ ଚିନ୍ତାରେ ପଡିଯାଇଛନ୍ତି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତର ଶିଶକୁଡି ଗ୍ରାମବାସୀ। ଗାଁ ନିକଟରେ ବାଟ ଓଗାଳିଛି ଅନ୍ଧାରୀ ନଦୀ। ୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ଏହି ଗ୍ରାମବାସୀ ବର୍ଷା ଦିନ ଆସିଲେ ଜଳବନ୍ଦୀ ଜୀବନ ବିତାନ୍ତି। ଗ୍ରାମକୁ ନିତିଦିନିଆ ଯାତାୟାତ ଲାଗି ରାସ୍ତା ନାହିଁ। ଫଳରେ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମର ରମଦନ ପାଇକ, ଅର୍ଜୁନ ନାୟକ, କମଲୋଚନ ପାଇକ, ବିଦ୍ୟାଧର ନାୟକ, ସାରି ପାଇକ କହିଛନ୍ତି। ଅନ୍ଧାରୀ ନଦୀରେ ସ୍ଥାୟୀ ପୋଲ ନ ଥିବାରୁ ବର୍ଷା ଦିନେ ଗ୍ରାମବାସୀ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗମନାଗମନ ଆଦି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଆସୁଛନ୍ତି। ସେ ସମୟରେ ନଦୀରେ ପାଣି ଅଧିକ ଥିବାରୁ କେହି କେଉଁଆଡ଼େ ଯାତାୟାତ କରିପାରନ୍ତି ନାହିଁ। ଜରୁରୀ କାର୍ଯ୍ୟ ପଡିଲେ ଗ୍ରାମବାସୀ ନିଜ ଜୀବନକୁ ବାଜି ଲଗାଇ ନଦୀ ପାର ହୁଅନ୍ତି। ବାର୍ଦ୍ଧକ୍ୟ ଭତ୍ତା ଏବଂ ଚାଉଳ ଆଣିବାକୁ ପଞ୍ଚାୟତକୁ ବହୁକଷ୍ଟରେ ଯାଇଥାନ୍ତି। ନଦୀରେ ସ୍ଥାୟୀ ପୋଲ ନିର୍ମାଣ ଲାଗି ଗ୍ରାମବାସୀ ବ୍ଲକ ଓ ଜିଲା ପ୍ରଶାସନ ପାଖରେ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବିଡ଼ିଓ ସୁକାନ୍ତ ମାଝି ଥିବା ସମୟରେ ନୋଲ ନିର୍ମାଣ ପାଇଁ ସରକାର ୩୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ମାତ୍ର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ନଦୀରେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉନାହିଁ । ତୁରନ୍ତ ପୋଲ ନିର୍ମାଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ।



ଗ୍ରାମବାସୀଙ୍କ ପାଇଁ ସମସ୍ୟା ପାଲଟିଥିବା ଅନ୍ଧାରୀ ନଦୀ ।

## ଭାଜପାର ଜିଲା ସମ୍ମିଳନୀ

ଲକ୍ଷ୍ମୀପୁର, ୧୨।୭ (ସ୍ୱ.ପ୍ର.)

ଲକ୍ଷ୍ମୀପୁର ରେଲୱେ ଅଡିଟୋରିୟମ ହଲ୍‌ରେ ଭାଜପା ଜିଲା ସଭାପତି ସୁମନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ମାନସ ମହାନ୍ତି, ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ କାଳୀରାମ ମାଝି, ରାଜ୍ୟ ଉପସଭାପତି ତଥା ପୂର୍ବତନ ଏମ୍‌ପି ବଳଭଦ୍ର ମାଝି, ଗୌତମ ସାମନ୍ତରାୟ ଯୋଗଦେଇ ମୋଦିସରକାରଙ୍କ ୮ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଯୋଜନାର ସଫଳତା ଉପରେ ଆଲୋକପାତ କରିଥିଲେ। ଦଳୀୟ ନେତାମାନେ ଏହାକୁ ଭୋଟରଙ୍କ ପାଖରେ ପହଞ୍ଚାଇପାରିଲେ ଆଗାମୀ ନିର୍ବାଚନରେ ଦଳକୁ ସଫଳତା ମିଳିବ ବୋଲି ସେ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ସମ୍ମିଳନୀରେ କୋରାପୁଟ ଜିଲାର ୧୪ ବ୍ଲକର ସଭାପତି, ଏସ୍‌ଟି ମୋର୍ଚ୍ଚା, ଏସି ମୋର୍ଚ୍ଚା, ଓବିସି ମୋର୍ଚ୍ଚା, ଯୁବମୋର୍ଚ୍ଚା, କୃଷକ ମୋର୍ଚ୍ଚା, ମହିଳା ମୋର୍ଚ୍ଚା, ସଂଖ୍ୟା ଲଘୁମୋର୍ଚ୍ଚା ସଭାପତିମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅଗସ୍ତି ହାଲବା, ନକୁଳ ବିଶୋୟୀ, ରବି ପାଢୀ, ଟଙ୍କଧର ବିଶୋୟୀ, ମନୋଜ ବିଶୋୟୀ,ଅନନ୍ତ ହିକକା, ଉଦୟ ହିକକା, କଣ୍ଟେଶ୍ୱର ହିକକା ପ୍ରମୁଖ ପରିଚଳନା କରିଥିଲେ ।

## ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

ଜୟପୁର, ୧୨।୭ (ନି.ପ୍ର.)

କୋଟପାଡ ବ୍ଲକ ଅନ୍ତର୍ଗତ ବନସୁଲି ଗ୍ରାମର ଗ୍ରାମବାସୀ ଜୟପୁରସ୍ଥିତ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ମଙ୍ଗଳବାର ଘେରାଉ କରିଥିଲେ। ବନସୁଲି ପଞ୍ଚାୟତରେ ଚାଲିଥିବା ମଣ୍ଡିରେ ଧାନ କିଣା ବିକାରେ ହେରଫେର ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବନସୁଲି ଗ୍ରାମରେ ଚାଲିଥିବା ୨ଟି ମଣ୍ଡି ଖାଡେଶ୍ୱର ପାଣି ପଞ୍ଚାୟତ ଓ ଲକ୍ଷ୍ମୀ ନାରାୟଣ ଏସ୍ଏଚଜି ଗ୍ରୁପ ଚଳାଉଛନ୍ତି । ଏହି ୨ଟି ଗ୍ରୁପ ଚାଷୀଙ୍କ ଜମି ପଟ୍ଟା ନେଇ ଚାଷୀଙ୍କୁ ଟୋକେନ ଦେଉନାହାନ୍ତି । ଯଦି ଜଣେ ଚାଷୀଙ୍କ ୮ ଏକର ଜମି ରହିଛି ତେବେ ଏକର ପିଛା ହିସାବରେ ତାଙ୍କୁ ୧୨ କ୍ୱିଣ୍ଟାଲ ଧାନର ଟୋକନ ମିଳିବା କଥା। ମାତ୍ର ଏସଏଚଜି ଗ୍ରୁପ ପକ୍ଷରୁ ତାହା କରା ନ ଯାଇ କେତେକ ଅସାଧୁ ବ୍ୟବସାୟୀଙ୍କ ନାମରେ ଟୋକନ କରାଯାଇ ଧାନ କିଣାବିକା ହେଉଛି। ଫଳରେ ପ୍ରକୃତ ଚାଷୀ ଉପଯୁକ୍ତ ଟୋକେନ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ୨ ଗ୍ରୁପକୁ ଧାନ ମଣ୍ଡି ଦାୟିତ୍ୱରୁ ହଟାଇ ଅନ୍ୟ ଗ୍ରୁପ କିମ୍ବା ଲ୍ୟାମ୍ପକୁ ଦେବାକୁ ଚାଷୀ ଭୀମସେନ ବିଷୋୟୀ, ଶଙ୍କର ବିଷୋୟୀ, ଗୌର ଚନ୍ଦ୍ର ବିଷୋୟୀଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି।

## ବର୍ଷା ହେଲେ ସ୍କୁଲ ଗୃହରେ ଗଳୁଛି ପାଣି

କୁଡୁମୁଲୁଗୁମ୍ମା,୧୨।୭(ଡି.ଏନ.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକର ଗାଦିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହରେ ଆଣ୍ଠୁଏ ପାଣି ଜମିଛି। ପିଲାମାନେ କଷ୍ଟରେ ବସି ପାଠ ପଢୁଛନ୍ତି। ସ୍କୁଲ ଗୃହ କାମ ପାଇଁ ୨୦୨୦-୨୧ଆର୍ଥିକ ବର୍ଷରେ ୨ ଲକ୍ଷ ୪୦ହଜାର ଟଙ୍କା ବ୍ୟୟ କରାଯାଇଛି। କାମ ହେବାର ବର୍ଷେ ମଧ୍ୟ ହୋଇନାହିଁ। ନିମ୍ନମାନର କାର୍ଯ୍ୟ ଯୋଗୁ ବର୍ଷା ହେଲେ ପାଣି ଗଳୁଛି। ପିଲାମାନେ ପାଠ ପଢିବା ଏବଂ ମଧ୍ୟାହ୍ନଭୋଜନ ଖାଇବା ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଠିଆ ହୋଇ ମଧ୍ୟାହ୍ନଭୋଜନ ଖାଉଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଲଗାଣ ବର୍ଷା ଯୋଗୁ ଘରୁ ବାହାରିବା ହେଉଛି କଷ୍ଟକର

ଚିତ୍ରକୋଣ୍ଡା,୧୨।୭(ଡି.ଏନ.ଏ.)

ଚିତ୍ରକୋଣ୍ଡାରେ ଲଘୁଚାପଜନିତ ଲଗାଣ ବର୍ଷା ଲାଗି ରହି ଚିତ୍ରକୋଣ୍ଡାକୁ ବେହାଲ କରି ପକାଇଛି। ବର୍ଷା ସାଙ୍ଗକୁ ଥଣ୍ଡା ପବନ ପ୍ରବାହିତ ହେଉଛି। ସାରା ଦିନ ରାତି ବର୍ଷା ଲାଗି ରହିବାରୁ ଘରୁ ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି। ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଯିବା ଆସିବା କରିବା କଷ୍ଟକର ହୋଇପଡିଛି। ଏହି ଲଗାଣ ବର୍ଷା ପଶୁ ପକ୍ଷୀ, ଗୋରୁଗାଈ ଛେଳି ମେଣ୍ଢାଙ୍କ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି କରିଛି।

# ତିନିଠାକୁରଙ୍କ ନୀଳାଦ୍ରି ବିଜେ

କୋରାପୁଟ,୧୧।୭(ସ୍ୱ.ପ୍ର.)

କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ସୋମବାର ରାତିରେ ତିନିଠାକୁରଙ୍କ ନୀଳାଦ୍ରି ବିଜେ ହୋଇଛି । ଗତ ୧ ତାରିଖରୁ ତିନିଠାକୁର ଶ୍ରୀମନ୍ଦିର ଛାଡି ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିର ମାଉସୀମା' ଘରକୁ ଯାଇଥିଲେ। ସେଠାରେ ୯ ଦିନ ଲୀଳାଖେଳା ସାରି ୯ତାରିଖରେ ବାହୁଡାଯାତ୍ରାରେ ଆସି ରବିବାର ସନ୍ଧ୍ୟାରେ ରଥ ଉପରେ ତିନିଠାକୁର ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ଏହି ନୀଳାଦ୍ରି ବିଜେ ଦେଖିବା ପାଇଁ ପ୍ରବଳ ସମାଗମ ହୋଇଥିଲା । ସନ୍ଧ୍ୟା ୭ଟା ୫୫ ମିନିଟରେ ପ୍ରଥମେ ସୁଦର୍ଶନକୁ ପହଣ୍ଡିକରି ଶ୍ରୀମନ୍ଦିରକୁ ନିଆଯାଇଥିଲା। ପରେ ବଡ଼ଭାଇ ବଳଭଦ୍ର ଏବଂ ପରେ ସୁଭଦ୍ରାଙ୍କୁ ପହଣ୍ଡିରେ ଶ୍ରୀମନ୍ଦିରକୁ ନିଆଯାଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି ବିଜେରେ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା । ମାତ୍ର ସିଂହଦ୍ୱାର ନିକଟରେ ମହାଲକ୍ଷ୍ମୀ ବାଟ ଓଗାଳିବା ଯୋଗୁ ମହାପ୍ରଭୁ ସେଇଠି ଅଟକି ରହିଥିଲେ । ପରେ ଲକ୍ଷ୍ମୀଙ୍କ ସହିତ ବଚନିକା ପରେ ପୋଡ଼ପିଠା ଓ ରସଗୋଲା ଖୁଆଇ ଲକ୍ଷ୍ମୀଙ୍କ ମାନ ଭଞ୍ଜନ କରି ରତ୍ନ ସିଂହାସନକୁ ବିଜେ କରିଥିଲେ। ଏହି ଅବସରରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଏସ୍‌ଡିପିଓ ମନୋଜ ପୂଜାରୀ ଓ ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ପୋଲିସ ମୁତୟନ ହୋଇଥିଲେ।

## ଗଛପଡି ୩ ଘର ଭାଙ୍ଗିଲା

କୋରାପୁଟ,୧୨।୭(ସ୍ୱ.ପ୍ର.)

କୋରାପୁଟ ବ୍ଲକ ଅନ୍ତର୍ଗତ ମସ୍ତିପୁଟ ପଞ୍ଚାୟତର ବଣ୍ଡାମାଲିଗୁଡା ଗ୍ରାମରେ ମଙ୍ଗଳବାର ପ୍ରବଳ ବର୍ଷା ଯୋଗୁ ଏକ ବିରାଟ ତେନ୍ତୁଳିଗଛ ପଡି ୩ଟି ଘର ଭାଙ୍ଗିଯାଇଥିବା ଜଣାପଡିଛି । ଗ୍ରାମର ଶିବ ଜାନି, ମଙ୍ଗଲୁ ଭୋଇ ଓ ସମ୍ବୁ ଜାନଙ୍କ ଇନ୍ଦିରା ଆବାସ ଘର କାନ୍ଥ ଭାଙ୍ଗିଯାଇଛି। ଏହି ଗଛ ପଡିବାବେଳେ ଘରେ ଶୋଇଥିବା ମଝି ଜାନି ନାମକ ଜଣେ ଯୁବକ ଭଙ୍ଗା ଇଟା କାନ୍ଥ ତଳେ ରହିଯାଇଥିଲେ। ପରେ ଗ୍ରାମବାସୀମାନେ ତାଙ୍କୁ ଉଦ୍ଧାର କରିଥିଲେ।

## କାର୍ ସହ ଗଞ୍ଜେଇ ଜବତ

ଜୟପୁର, ୧୩।୭ (ନି.ପ୍ର.)

କାର ସହ ଗଞ୍ଜେଇ ଜବତ କରିଛି ଜୟପୁର ସଦର ପୋଲିସ । ଜୟପୁର ସଦର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବାମୁଣି ଗାଁ ଓ ବିଷୋୟିପୁଟ ରାସ୍ତାରେ ଏକ କାର (ସିଜି ୦୭ଏମ-୦୫୦୬ ଛିଡା ହୋଇଥିଲା । ସନ୍ଦେହରେ କାର ଯାଞ୍ଚ କରିବାରୁ କାରର ସିକ୍ରେଟ ଚାମ୍ବରରେ ଗଞ୍ଜେଇ ଥିବା ଜଣାପଡିଥିଲା। ଜବତ ଗଞ୍ଜେଇର ପରିମାଣ ୫୨ କେଜି। ଏହି ମାମଲାରେ କାହାକୁ ଗିରଫ କରାଯାଇ ନାହିଁ। ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

## କୋଟିଆରେ ବିଜୁ ପକ୍କାଘର ଯୋଜନାରେ ନିର୍ମାଣହେବ ୧୭୦ ଘର

କୋରାପୁଟ,୧୨।୭(ସ୍ୱ.ପ୍ର.)

କୋରାପୁଟ ଜିଲା ସୀମାନ୍ତରେ ଥିବା କୋଟିଆବାସୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କାଘର ଯୋଜନାରେ ୧୭୦ଟି ଘର ନିର୍ମାଣ ପାଇଁ ଅର୍ଥରାଶି ପ୍ରଦାନ କରିଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଅତିରିକ୍ତ ପ୍ରକଳ୍ପ ଅଧିକାରୀ ସୌମେନ୍ଦ୍ର ନାୟକ ମଙ୍ଗଳବାର ସୂଚନା ଦେଇଛନ୍ତି। କୋଟିଆ ପଞ୍ଚାୟତର ଦୁର୍ଗମ ଗ୍ରାମ ହରମାଣ୍ଡିଙ୍ଗିରେ ବିଜୁପକ୍କାଘର ଯୋଜନାରେ କ୍ଲଷ୍ଟର ଗୃହ ନିର୍ମାଣ କରିବା ପାଇଁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିବା ଜଣାଯାଇଛି । ବର୍ତ୍ତମାନ ହରମାଣ୍ଡିଙ୍ଗିରେ ୨୦ ଜଣଙ୍କ ଘର ନିର୍ମାଣ କାମ ଆଗେଇ ଚାଲିଥିବାବେଳେ ଖୁବ୍ ଶୀଘ୍ର ଅନ୍ୟ ୧୪ ଜଣଙ୍କ ଘରର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ୱାର୍ଡମେମ୍ବର ମଞ୍ଜୁ ହିମିରିକା କହିଛନ୍ତି। ତେବେ ସରକାରଙ୍କ ଘର ନିର୍ମାଣ ଯୋଜନାରେ ଅର୍ଥ ମିଳିବାରେ ବିଳମ୍ବ ହେଉଥିବାରୁ ଲୋକେ ଅଧାରୁ ଘର କରିବା ବନ୍ଦ ଦେଇଥିବା ଦେଖିବାକୁ ମିଳିଛି।

## ଅସରାଏ ବର୍ଷା ହେଲେ ଭେଜାପୁଟ ମୁଖ୍ୟ ରାସ୍ତାରେ ପାଣି

ଦାମନଯୋଡ଼ି, ୧୨।୭(ଡି.ଏନ୍.ଏ.)

ଅସରାଏ ବର୍ଷା ହେଲେ ଭେଜାପୁଟ ମୁଖ୍ୟ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମୁଛି। ଜଳ ନିଷ୍କାସନ ପାଇଁ ପ୍ରଶସ୍ତ ନାଳ ଥାଇ ମଧ୍ୟ ଜଳ ନିଷ୍କାସନ ହୋଇପାରୁନାହିଁ। ସଚେତନତା ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ନାଳକୁ ଲୋକେ ଡଷ୍ଟବିନ ଭାବେ ବ୍ୟବହାର କରୁଛନ୍ତି। ଫଳରେ ନାଳରେ ଅଳିଆ ଆବର୍ଜନା ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଛି। ବର୍ଷା ହେଲେ ନାଳର ଅଳିଆ ଆବର୍ଜନା ରାସ୍ତାକୁ ଭାସିଯାଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଭେଜାପୁଟର ଆବର୍ଜନା ପରିଚାଳନା ପାଇଁ ଏକ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଦୈନିକ ଏକ ଗାଡ଼ି ବିଭିନ୍ନ ସାହି ଓ ଗଳିକୁ ଯାଇ ଆବର୍ଜନା ସଂଗ୍ରହ କରୁଛି। ଏ ବାବଦରେ ସଂସ୍ଥା ପକ୍ଷରୁ ଦୋକାନ ଓ ଘରମାଲିକଙ୍କଠାରୁ ମାସିକ କିଛି ଦେୟ ଧାର୍ଯ୍ୟ କରାଯାଇଛି। ତେବେ କେତେଜଣ ଦୋକାନୀ ଓ ଘରମାଲିକ ଏହି ଦେୟ ନ ଦେଇ ଗାଡ଼ିରେ ଅଳିଆ ପକାଇବା ପରିବର୍ତ୍ତେ ନାଳ ତଥା ନିକଟରେ ଥିବା ବ୍ରିଜ୍‌ରେ ପକାଉଛନ୍ତି । ଅନ୍ୟପକ୍ଷରେ ରାସ୍ତା ଉପରେ ବଡ଼ ବଡ଼ ଗାତରେ ବର୍ଷାପାଣି ଜମି ରହୁଥିବାରୁ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ତେବେ ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ଡେଙ୍ଗୁ କବଳରେ କୋରାପୁଟ ଜିଲାର ୯ ବ୍ଲକ

କୋରାପୁଟ,୧୨।୭(ସ୍ୱ.ପ୍ର.)

**ବର୍ତ୍ତମାନ ସୁଦ୍ଧା ଚିହ୍ନଟ ହେଲେଣି ୧୨୪ ଡେଙ୍ଗୁ ରୋଗୀ**

- ନାଳନର୍ଦ୍ଦମା ସଫେଇ ଉପରେ ବିଶେଷ ଧାନଦେବାକୁ ଗୁରୁତ୍ୱ
- ସହରର ତଳିଆ ଅଞ୍ଚଳରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ
- ଜ୍ୱର ଲକ୍ଷଣ ଦେଖାଗଲେ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହକୁ ଗୁରୁତ୍ୱ

କୋରାପୁଟ ଜିଲାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜିଲାର ୯ଟି ବ୍ଲକ ଡେଙ୍ଗୁ କବଳିତ ହେଲାଣି। ବର୍ତ୍ତମାନ ସୁଦ୍ଧା ୧୨୪ ଡେଙ୍ଗୁରୋଗୀ ଚିହ୍ନଟ ହେଲେଣି। ତେବେ ଏଥିପାଇଁ ଜିଲାବାସୀ ଭୟଭୀତ ନ ହେବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅରୁଣ କୁମାର ପାଢ଼ୀ ପରାମର୍ଶ ଦେଇଛନ୍ତି। ଚିହ୍ନଟ ଡେଙ୍ଗୁ ରୋଗୀଙ୍କ ମଧ୍ୟରେ କୋରାପୁଟରୁ ୬୦, ଲକ୍ଷ୍ମୀପୁର ବ୍ଲକରୁ ୨୮, ଦଶମନ୍ତପୁର ୬, ଜୟପୁର ୫, ସେମିଳିଗୁଡ଼ା ୨, କୁନ୍ଦୁରାରୁ ଜଣେ, ନନ୍ଦପୁର ୪, ସେମିଳିଗୁଡ଼ା ୨, ଲମତାପୁଟରୁ ଜଣେ ରୋଗୀ ଚିହ୍ନଟ ହୋଇଥିବା ଜଣାପଡିଛି। କିଛି ଦିନ ତଳେ ଡେଙ୍ଗୁରେ ଜିଲାର ଲକ୍ଷ୍ମୀପୁର ଅଞ୍ଚଳରେ ବହୁ ରୋଗୀ ଚିହ୍ନଟ ହୋଇଥିଲେ। ଜିଲାପାଳଙ୍କ ସହ ଜିଲା ସ୍ୱାସ୍ଥ୍ୟ ବିଭାଗର ମିଳିତ ଉଦ୍ୟମରେ ଏହି ଅଞ୍ଚଳରେ ନାଳରେ ପାଣି ଜମା କରାଇ ନ ଦେବା ଓ ସମସ୍ତ ଅଳିଆ ଆବର୍ଜନା ସଫା କରିବାକୁ ନିଷ୍ପତ୍ତି ନେଇ ସମସ୍ତ ଗ୍ରାମ୍ୟ କଲ୍ୟାଣ ସମିତିକୁ ଏହି କାର୍ଯ୍ୟରେ ସାମିଲ କରାଯାଇଥିଲା। ଫଳରେ ଲକ୍ଷ୍ମୀପୁର ବ୍ଲକ ଅଞ୍ଚଳରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ହ୍ରାସ ପାଇଥିଲା । କୋରାପୁଟ ସହରର ପୂଜାରିପୁଟ ଅଞ୍ଚଳରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବା ସହ ସହରର ଗାନ୍ଧୀନଗର, ପରଜାସାହି, ମିଶନ କମ୍ପାଉଣ୍ଡ, ଗୌତମନଗର ଆଦି ଅଞ୍ଚଳରେ ମଧ୍ୟ ବୃଦ୍ଧିପାଇଛି। ମ୍ୟୁନିସିପାଲିଟି ପକ୍ଷରୁ ସହରର ନାଳନର୍ଦ୍ଦମା ସଫେଇ କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ଆରମ୍ଭ କରାଯାଇଛି । ସହରର ତଳିଆ ଅଞ୍ଚଳ ତଥା ବସ୍ତି ଅଞ୍ଚଳରେ ଡେଙ୍ଗୁ ନେଇ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ କହିଛନ୍ତି। ଜିଲାପାଳ ଅବଦାଲ ଏମ୍. ଅଖତାର ଜିଲାର ସମସ୍ତ ସହରାଞ୍ଚଳର ନାଳନର୍ଦ୍ଦମା ସଫେଇ ଉପରେ ବିଶେଷ ଧାନଦେବାକୁ ସମସ୍ତ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବ୍ଲକ ଅଞ୍ଚଳରେ ସଫେଇ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ସମସ୍ତ ବିଡିଓ ଓ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ କୁହାଯାଇଛି। ଜ୍ୱରର ଲକ୍ଷଣ ଦେଖାଗଲେ ତୁରନ୍ତ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହକରି ଜିଲା ସଦର ମହକୁମାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅରୁଣ କୁମାର ଦାସ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଜିଲାରେ ୨୦୧୪ରେ ୫ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ୨୦୧୫ରେ ୩୨ ଜଣ, ୨୦୧୬ରେ ଜଣେ ହେଲେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇ ନ ଥିବା ବେଳେ ୨୦୧୭ରେ ୩, ୨୦୧୮ରେ ୧୭ , ୨୦୧୯ରେ ୨୧ ଏବଂ ୨୦୨୦ରେ ୧୦୨ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୧୧୩୨ ଜଣଙ୍କ ରକ୍ତନମୁନା ପରୀକ୍ଷା କରାଯାଇ ସେଥିରୁ ୧୨୪ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୧୩ ଜଣ ମାଲକାନଗିରି ଜିଲାର ଡେଙ୍ଗୁ ରୋଗୀ ରହିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ।



ଜିଲାପାଳ ପାଣି ଜମିଥିବା ସ୍ଥାନ ପରିଦର୍ଶନ କରୁଛନ୍ତି ।

## ସଂକ୍ଷେପରେ

### ରକ୍ତ ଦେଇ ବିପଦର ବନ୍ଧୁ ସାଜିଲେ ଦେବେନ୍ଦ୍ର

ଚନ୍ଦାହାଣ୍ଡି,(ଡି.ଏନ୍.ଏ. )- ରକ୍ତହୀନତାର ଶିକାର ହୋଇଥିବା ଜଣେ ଯୁବତୀକୁ ରକ୍ତଦାନ କରି ବିପଦର ବନ୍ଧୁ ସାଜିଛନ୍ତି ଯୁବକ। ସେ ହେଲେ ଚନ୍ଦାହାଣ୍ଡି ପଞ୍ଚାୟତ ସିନାପାଲି ଗ୍ରାମର ଦେବେନ୍ଦ୍ର ହାଲବା। ଏବେ ସେ ଚନ୍ଦାହାଣ୍ଡି ଗୋଷ୍ଠୀ ଚିକିତ୍ସାଳୟରେ ଏଲ୍‌ଟି ଭାବେ କାର୍ଯ୍ୟ କରୁଛନ୍ତି। ସୂଚନାଯୋଗ୍ୟ, ଚନ୍ଦାହାଣ୍ଡି ବ୍ଲକ ସିନାପାଲି ଗ୍ରାମର କୈକେୟୀ ନାଗ(୧୮) କିଛିଦିନ ହେଲା ଜ୍ୱରରେ ଆକ୍ରାନ୍ତ ହୋଇ ରକ୍ତହୀନତାର ଶିକାର ହୋଇଥିଲେ। କଳାହାଣ୍ଡି ଜିଲା ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ସେ ଏବେ ଚିକିତ୍ସାଧୀନ। ତେବେ ତାଙ୍କୁ ଏ-ପଜିଟିଭ ରକ୍ତର ଆବଶ୍ୟକତା ଥିବାବେଳେ ରବିବାର ତାଙ୍କ ଭାଇ କାଳେଶ୍ୱର ନାଗ ଭଉଣୀକୁ ରକ୍ତ ଦେଇଥିଲେ। ଆହୁରି ରକ୍ତର ଆବଶ୍ୟକତା ଥିବା ଡାକ୍ତର କହିବାପରେ ପରିବାର ଲୋକେ ଚିନ୍ତାରେ ପଡ଼ିଥିଲେ। ଖବରପାଇ ସେହି ଗ୍ରାମର ଦେବେନ୍ଦ୍ର ଧର୍ମଗଡ଼ ଡାକ୍ତରଖାନାକୁ ଯାଇ ରକ୍ତଦାନ କରିଥିଲେ। ବିପଦ ସମୟରେ ରକ୍ତଦାନ କରି ମାନବିକତା ଦେଖାଇବା ସହ କୈକେୟୀଙ୍କ ଜୀବନ ବଞ୍ଚାଇଛନ୍ତି।

### ସୁରେଶଙ୍କୁ ହରାଇ ସୁଭଦ୍ରା ହେଲେ ସଭାପତି

କୁନ୍ଦୁରା,୧୨।୭ (ଡି.ଏନ.ଏ. )- କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ହୋଇଥିବା ସମବାୟ ସଭାପତି ନିର୍ବାଚନରେ ସୁଭଦ୍ର ଭୂମିଆ ବିଜୟୀ ହୋଇଛନ୍ତି। ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସୁରେଶଙ୍କୁ ହରାଇ ସଭାପତି ନିର୍ବାଚିତ ହୋଇଛନ୍ତି। ୧୫ଟି ଭୋଟରୁ ୮ଟି ଭୋଟ ସୁଭଦ୍ରାଙ୍କୁ ମିଳିଥିବା ବେଳେ ୬ଟି ଭୋଟ ସୁରେଶଙ୍କୁ ମିଳିଥିଲା। ଗୋଟିଏ ଭୋଟ ନାକଚ ମଧ ହୋଇଛି। ସମବାୟ ନିର୍ବାଚନରେ ପୂର୍ବରୁ ବିଭିନ୍ନ ପଞ୍ଚାୟତରେ ପ୍ରାର୍ଥୀ ଦେଇ ବିଜେଡି ୧୫ଟି ପଞ୍ଚାୟତରୁ ୧୨ଟି ପଞ୍ଚାୟତରେ ନିର୍ଦ୍ଦେଶକ ପଦବୀ ହାତେଇଥିଲା। ସୂଚନାଯୋଗ୍ୟ, ସୁଭଦ୍ରା ପୂର୍ବରୁ ଦୁଇ ଥର ସରପଞ୍ଚ ଥିଲେ। ବିଜେଡି ବ୍ଲକ ସଭାପତି ବୃନ୍ଦାବନ ମଲ୍ଲିକ, ପୂର୍ବତନ ବ୍ଲକ ସଭାପତି ସଞ୍ଜୟ ସାହୁ,ଆତ୍ମା ଅଧକ୍ଷ ପୀତାମ୍ବର ନାୟକ ସୁଭଦ୍ରାଙ୍କୁ ଏହି ଅବସରେ ଶୁଭେଚ୍ଛା ଜଣାଇଛନ୍ତି।

### ଉଦୟନାଥ ମାଲକାନଗିରି ସମବାୟ ସମିତି ସଭାପତି



ମାଲକାନଗିରି, ୧୨।୭ (ଡି.ଏନ.ଏ.) ମାଲକାନଗିରି ସମବାୟ ସମିତି ସଭାପତି ନିର୍ବାଚନରେ ବିଜୁ ଜନତା ଦଳର ସମର୍ଥିତ ପ୍ରାର୍ଥୀ ଉଦୟନାଥ ବୁରୁଦା ବିଜୟୀ ହୋଇଛନ୍ତି । ସେ ମୋଟ ୧୫ଟିରୁ ୧୧ ଖଣ୍ଡ ଭୋଟ ପାଇଥିବା ଜଣାପଡିଛି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରୂପେ ନରସିଂହ ମାଡକାମୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ ମଧ ସେ କିଛି ଭୋଟ ପାଇନାହାନ୍ତି। ନିର୍ବାଚନ ବେଳେ ୪ଜଣ ଅନୁପସ୍ଥିତ ଥିଲେ। ପୂର୍ବତନ ବିଧାୟକ ମାନସ ମାଡକାମି,ବ୍ଲକ ଅଧକ୍ଷା ଗୌରୀ ପଡିଆମି, ପୌରାଧକ୍ଷ ମନୋଜ ବାରିକ, ଜିଲା ଉପସଭାପତି ହୃଦାନନ୍ଦ ସାହୁ, ଜିଲ୍ଲା ସମ୍ପାଦକ ଡନେଲ ପଟଲା, ସମ୍ପାଦକ ଦାଶରଥୀ ବେହେରା, ଜିଲା ମହିଳା ସଭାନେତ୍ରୀ ସୁକାନ୍ତି ବୁରୁଦା, ସର୍ବ କୁମାର ବିଶୋୟୀ, ବଂଶୀ ମୁଦୁଲି, କଣ୍ଟେଶ୍ୱର ପଟଲା ପ୍ରମୁଖ ଉପସ୍ଥିତ ଥିଲେ।

# ପାଠ ପଢ଼ିବା ବଦଳରେ ସ୍କୁଲ ମରାମତି କରୁଛନ୍ତି ଛାତ୍ର

- ସାମ୍ନାକୁ ଆସିଲା ପରିଚ୍ଛାଗୁଡ଼ା ଅପ୍‌ଗ୍ରେଡ୍ ହାଇସ୍କୁଲର ଭିଡିଓ
- ସ୍କୁଲ ଉନ୍ନତି ପାଇଁ ଆସୁଥିବା ଟଙ୍କା ହଡ଼ପ ଅଭିଯୋଗ

ରାୟଗଡ଼ା ଅଫିସ/ବିଷମକଟକ, ୧୨।୭(ଡି.ଏନ୍.ଏ.)

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପିଲାଙ୍କୁ ମାଗଣା ଖାଇବା ଏବଂ ରହିବା ସହ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ସରକାର ଟଙ୍କା ଖର୍ଚ୍ଚ କରୁଛନ୍ତି। ସ୍କୁଲଗୁଡ଼ିକର ନିୟମିତ ମରାମତି ପାଇଁ ପ୍ରତ୍ୟେକ ବର୍ଷ ଅନୁଦାନ ମଧ ମିଳୁଛି। ହେଲେ ତୃଣମୂଳ ସ୍ତରରେ ଏହା ଠିକ୍‌ରେ କାର୍ଯ୍ୟକାରୀ ହେଉନାହିଁ। ମରାମତି ପାଇଁ ଆସୁଥିବା ଟଙ୍କାର ସଦୁପଯୋଗ ନ କରି ପାଠ ପଢ଼ିବାକୁ ଆସୁଥିବା ପିଲାଙ୍କ ହାତରେ କାମ କରାଯାଉଛି। ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଛାଞ୍ଚରାଗୁଡ଼ା ପଞ୍ଚାୟତର ପରିଚ୍ଛାଗୁଡ଼ା ଅପ୍‌ଗ୍ରେଡ୍ ହାଇସ୍କୁଲରେ ଏଭଳି ଅଭାବନୀୟ ଚିତ୍ର ନଜରକୁ ଆସିଛି। ଏହାର ଏକ ଭିଡିଓ ଏବେ ସାମ୍ନାକୁ ଆସିଛି। ଭିଡିଓରେ ପିଲାମାନେ ଚଟାଣ ମରାମତି କାମ କରୁଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ବିଦ୍ୟାଳୟ ମରାମତି ଏବଂ ଉନ୍ନତି ସକାଶେ ଟଙ୍କା ଆସୁଛି। ହେଲେ କେଉଁ ବାବଦକୁ କେତେ ଟଙ୍କା ଖର୍ଚ୍ଚ କରାଯାଇଛି ତାହାର ହିସାବ କାହା ପାଖରେ ନାହିଁ। ବିଦ୍ୟାଳୟକୁ ଆସୁଥିବା ଟଙ୍କାର ଠିକ୍ ବ୍ୟବହାର କରାଯାଉ ନ ଥିବା ନେଇ ଗ୍ରାମବାସୀ ଜୁନ୍ ୩୦ରେ ବିଇଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏବେ ପ୍ରଧାନ ଶିକ୍ଷକଙ୍କ କହିବା ଅନୁଯାୟୀ ପିଲାମାନେ ବିଦ୍ୟାଳୟର ଚଟାଣ ମରାମତି କାମରେ ନିୟୋଜିତ ଥିଲେ ବୋଲି ଭିଡିଓ ସାମ୍ନାକୁ ଆସିବା ପରେ ଗ୍ରାମର ଲିଙ୍ଗରାଜ ପ୍ରାସ୍କା, ରାଜୁ କୁମ୍ଭୁରୁକା, ପୂର୍ଣ୍ଣ ଜାକାସିକା, ହରିଚନ୍ଦ୍ର ମଣ୍ଡଳ, ପ୍ରଫୁଲ୍ଲ ସାଙ୍ଗାନା ପ୍ରମୁଖ କହିଛନ୍ତି। ଏ ନେଇ ସିଆର୍‌ସିସି ଏବଂ ବ୍ଲକ କର୍ତ୍ତୃପକ୍ଷ ସବୁ ଜାଣି ମଧ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ବୋଲି ସେମାନେ କହିଛନ୍ତି। ଜୁନ୍ ୩୦ରେ ଗ୍ରାମବାସୀ ବିଇଓଙ୍କୁ ଦେଇଥିବା ଲିଖିତ ଅଭିଯୋଗ ପତ୍ରରେ ୨୦୨୦-୨୨ରେ ବିଦ୍ୟାଳୟର ଉନ୍ନତି ପାଇଁ ଆସିଥିବା ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ



କରିଥିଲେ। ୨୦୨୦-୨୧ରେ ୫୩,୦୦୦ ଟଙ୍କା ୨୦୨୧-୨୨ ରେ କିଚେନ ଗାର୍ଡେନ ପାଇଁ ୨୪,୦୦୦ ଟଙ୍କା ବିଦ୍ୟାଳୟର ସଭାପତି ରଘୁନାଥ କୁମ୍ଭୁରୁକା ଉଠାଇ ପ୍ରଧାନ ଶିକ୍ଷକ ସୁଧୀର ବେବର୍ତ୍ତାଙ୍କୁ ଦେଇଥିଲେ। ପ୍ରଧାନ ଶିକ୍ଷକ କୌଣସି କାର୍ଯ୍ୟ ନ କାରି ଜାଲ୍ ରସିଦ ବୁକ୍ ତିଆରି କରି ନିଜର ବ୍ୟକ୍ତିଗତ ଖର୍ଚ୍ଚ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍କୁଲ ଉନ୍ନତି ପାଇଁ ୪୯,୮୦୦, କମିଟି ଗଠନ ପଇଁ ୩୦୦୦, ଗ୍ରୀନ୍ ବୋର୍ଡ ପାଇଁ ୧୨୦୦, ଖେଳନା ସାମଗ୍ରୀ ପାଇଁ ୨୫,୦୦୦, ପିଲାଙ୍କ ସୁରକ୍ଷା ପାଇଁ ୪୦୦୦ ଟଙ୍କା ଅନୁଦାନ ମିଳୁଥିଲେ ମଧ କୌଣସି ଉନ୍ନତି କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବିଇଓ ବଟକୃଷ୍ଣ ପଣ୍ଡାଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ସେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିବାରୁ ତାଙ୍କର ପ୍ରତିକ୍ରିୟା ନିଆଯାଇ ପାରିନାହିଁ। ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି, ଘଟଣା ବିଷୟରେ ଅବଗତ ନ ଥିଲି। ବିଭାଗୀୟ ଅଧିକାରୀଙ୍କୁ ବୁଝି ତଦନ୍ତ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏବିଇଓ ମଦନ କୁମାର ପାଣିଙ୍କ ପଚାରିବାରୁ ଭିଡିଓଟି ପରିଚ୍ଛାଗୁଡ଼ା ଅପ୍‌ଗ୍ରେଡ୍ ହାଇସ୍କୁଲର ବୋଲି ସ୍ୱୀକାର କରିଛନ୍ତି। ତେବେ ବୁଧବାର ବିଦ୍ୟାଳୟ କମିଟି ସହ ଆଲୋଚନା କରାଯିବା ସହ ସମସ୍ତ ବିଷୟ ଅନୁଧ୍ୟାନ କରିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ସେହିପରି ବିଦ୍ୟାଳୟ ଉନ୍ନତି ପାଇଁ ଆସିଥିବା ଟଙ୍କା କେଉଁ ବାବଦରେ କେତେ ଖର୍ଚ୍ଚ ହୋଇଛି ସେ ଜାଣି ନ ଥିବା କହିଛନ୍ତି। ଅନ୍ୟପକ୍ଷରେ ସିଆର୍‌ସିସି ମୁରଲୀଧର ବେହେରା କହିଛନ୍ତି, ଗ୍ରାମବାସୀ ଟଙ୍କା ହେରଫେର ନେଇ ଅଭିଯୋଗ କରିବା ପରେ ସ୍କୁଲକୁ ଯାଇ ତଦନ୍ତ କରାଯାଇଛି। ତେବେ ପିଲାଙ୍କୁ ଶ୍ରମିକ ଭାବେ କାମ କରାଯାଉଥିବା ବିଷୟରେ କେହି ଗ୍ରାମବାସୀ ଅଭିଯୋଗ କରିନାହାନ୍ତି ବୋଲି କହିଛନ୍ତି। ସ୍ଥାନୀୟ ସରପଞ୍ଚ ଚଞ୍ଚଳା ୱାଡକାଙ୍କ ପ୍ରତିକ୍ରିୟା ନେବାରୁ ଘଟଣାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇ ବୋଲି ସେ କହିଛନ୍ତି।

### ଲଗାଣ ବର୍ଷାରେ ଭୁଶୁଡ଼ିଲା କଚ୍ଚାଘର



ଦୁର୍ଗୀ,୧୨।୭(ଡି.ଏନ୍.ଏ.)

ଲଗାଣ ବର୍ଷା ଯୋଗୁ ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଦୁର୍ଗୀ ପାଇକ ସାହିରେ ସୋମବାର ରାତିରେ ସୁଶାନ୍ତ ପରିଚ୍ଛାଙ୍କ କଚ୍ଚାଘର ଭୁଶୁଡ଼ି ପଡ଼ିଛି। ତେବେ ସୌଭାଗ୍ୟବସତଃ ଘରେ କେହି ନ ଥିବାରୁ ଏଥିରେ କେହି ମୃତାହତ ହୋଇନାହାଁନ୍ତି। ସେହିପରି କୁରାଂକୁଲୁ ଗ୍ରାମରେ ମଧ ଗୋଟିଏ କଚ୍ଚାଘର ଘର ଭୁଶୁଡ଼ି ପଡ଼ିଛି। ସରକାରଙ୍କ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଲଗାଣ ବର୍ଷା, ଏକାଧିକ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ

ଝରିଗାଁ,୧୨।୭(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ଲଗାଣ ବର୍ଷା ଯୋଗୁ ଏକାଧିକ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଡାଇନିଗୁଡ଼ା-ଚଚା, ଚକଲାପଦର-ଡକ୍ରିକୋଟ, କରମରୀ-ବେଲଗାଁ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ମଙ୍ଗଳବାର ସକାଳୁ କରମରୀ-ବେଲଗାଁ ରାସ୍ତାରେ ଥିବା ପେଟଫୁଲା ନଦୀ ଉପରେ ବର୍ଷାଜଳ ବିପଦସଙ୍କୁଳ ଅବସ୍ଥାରେ ପ୍ରବାହିତ ହେଉଛି। ସେହିପରି ଶାଖା ନାଳ ଉପରେ ବର୍ଷାଜଳ ୩ ଫୁଟ ଉପରେ ପ୍ରବାହିତ ହେଉଛି। ଚକଲାପଦର ପଞ୍ଚାୟତରେ ଯୋଡାମ୍ବ ନଦୀ ପୋଲ ଉପରେ ୩ଫୁଟ ଉଚ୍ଚରେ ବର୍ଷାଜଳ ପ୍ରବାହିତ ହେଉଥିବାରୁ ଝରିଗାଁ ବ୍ଲକ ସଦରଠାରୁ ଡୋକ୍ରିକୋଟ ଗ୍ରାମକୁ ଯାତାୟାତ ବନ୍ଦ ରହିଛି। ଏହା



ଡାଇନିଗୁଡ଼ା-ଚଚା ଗ୍ରାମକୁ ଯୋଗାଯୋଗ କରୁଥିବା ରାସ୍ତାରେ ବର୍ଷାଜଳ।

ବ୍ୟତୀତ କୁଟ୍ରିଛାପର ପଞ୍ଚାୟତ ସଦରଠାରୁ ଚଚା ଯିବା ରାସ୍ତାରେ ମଧ ନଦୀ ଉପରେ ବର୍ଷାଜଳ ପ୍ରବାହିତ ହେଉଛି। ରତାଖଣ୍ଡିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଗଟିଛାପର ନଦୀର ଉଭୟ ପାର୍ଶ୍ୱରେ ଥିବା ମାଟି ବର୍ଷାପାଣିରେ ଧୋଇଯାଇଛି। ଏପରିକି ନଦୀ ପାର୍ଶ୍ୱରେ ଥିବା ଦୋକାନ ଗୃହ ବର୍ଷାରେ ଧୋଇଯାଇଥିବା ସୂଚନା ମିଳିଛି। ସେହିପରି ଝରିଗାଁ ପଞ୍ଚାୟତ କରସାହାଣ୍ଡିଠାରୁ ସିନ୍ଧିଗୁଡ଼ା ଯିବା ମୁଖ୍ୟ ରାସ୍ତାରେ ଆଣ୍ଠୁଏ ପାଣି ପ୍ରବାହିତ ହେଉଥିବା ବେଳେ ପ୍ରାୟ ୩ଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଛି। ଝରିଗାଁ ବ୍ଲକ ସଦରସ୍ଥିତ ଅନେକ ଘର ଭିତରେ ବର୍ଷାଜଳ ପଶିଥିବା ଦେଖିବାକୁ ମିଳିଛି।

### ଶ୍ରେଣୀ ଗୃହରୁ ଭଙ୍ଗାଗଲା ଉଇହୁଙ୍କା

କୁଡୁମୁଲୁଗୁମ୍ମା,୧୨।୭ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମାର ଗୁଣ୍ଡୁରିଗୁଡା ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହରେ ଉଇହୁଙ୍କା ଖବର ପ୍ରକାଶ ପାଇବା ପରେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ ପରାମର୍ଶକ୍ରମେ ବିଇଓ ଗାୟତ୍ରୀ ଦେବୀ ଓ ଏବିଇଓ ବିଦ୍ୟାଳୟକୁ ଯାଇ ଅନୁଧ୍ୟାନ କରି ଫେରିଛନ୍ତି। ଏହି ସମୟରେ ଶ୍ରେଣୀଗୃହରେ ଥିବା ଉଇହୁଙ୍କା



ଭଙ୍ଗାଯାଇଛି। ବିଇଓ ଶିକ୍ଷକମାନଙ୍କ ସହ ଆଲୋଚନା କରି ଫେରିଛନ୍ତି। ଖୁବ୍ ଶୀଘ୍ର ବିଦ୍ୟାଳୟର ରହିଥିବା ଅନ୍ୟ ସମସ୍ୟା ଦୂର କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ବିନା ସୂଚନାରେ ଅସମୟରେ ଖୋଲିଲା ଇନ୍ଦ୍ରାବତୀ ଗେଟ୍

ତେନ୍ତୁଳିଖୁଣ୍ଟି,୧୨।୭(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଦେଓପାଲି ସ୍ଥିତ ଇନ୍ଦ୍ରାବତୀ ଜଳଭଣ୍ଡାର ତୃତୀୟ ଗେଟ୍‌ରୁ ମଙ୍ଗଳବାର ପାଣି ନଦୀକୁ ଯାଉଛି। ତେବେ ଗେଟ୍ ଖୋଲିବା ନେଇ କର୍ତ୍ତୃପକ୍ଷ କୌଣସି ସୂଚନା ଦେଇନାହାଁନ୍ତି। ସୂଚନାଯୋଗ୍ୟ, ଜଳଭଣ୍ଡାରର ଜଳସ୍ତର ଜୁଲାଇ ମାସରେ ମାତ୍ର ୬୩୧.୧୪ ଥିବାବେଳେ ଜଳ ନିଷ୍କାସନ ହେବା ଆଶ୍ଚର୍ଯ୍ୟ କରିଛି। ଅବଶ୍ୟ ନିଷ୍କାସିତ ହେଉଥିବା ଜଳର ପରିମାଣ ଓ ତୀବ୍ରତା କମ୍ ରହିଛି। ଜଳଭଣ୍ଡାରର ଫାଟକ ଗୁଡ଼ିକର ମରାମତି ଚାଲିଥିବାବେଳେ କୌଣସି ତ୍ରୁଟି କାରଣରୁ କିମ୍ବା ପରୀକ୍ଷାମୂଳକ ଭାବେ ମଧ ଜଳ ନିଷ୍କାସନ ହେଉଥିବା ଆଶଙ୍କା ସୃଷ୍ଟି ହୋଇଥିଲା। ଏ ନେଇ ଇନ୍ଦ୍ରାବତୀ ଜଳଭଣ୍ଡାରର ନିର୍ବାହୀ ଯନ୍ତ୍ରୀ(ମେକାନିକାଲ) ଲମ୍ବୋଦର



ପୁହାଣଙ୍କୁ ପଚାରିବାରୁ ସେ କହିଛନ୍ତି, ଗେଟ୍ ମରାମତି କାମ ଚାଲିଛି। ଏହି ସମୟରେ ଗେଟ୍ ଖୋଲାଯାଇଥିବାବେଳେ ଗେଟ୍ ବନ୍ଦ କରିବାକୁ ଭୁଲିଯାଇଛନ୍ତି ବୋଲି ସେ କହିଛନ୍ତି। ତେବେ ଯଦି ଜଳ ନିଷ୍କାସନର ପରିମାଣ ଗେଟ୍ ବନ୍ଦ କରିବା ନିମନ୍ତେ ଦାବି ହୋଇଛି।

# ରତ୍ନ ସିଂହାସନକୁ ବିଜେକଲେ ଚତୁର୍ଦ୍ଧାମୂର୍ତ୍ତି

ନବରଙ୍ଗପୁର,୧୨।୭(ବି.ପ୍ର.)

ନବରଙ୍ଗପୁର ଜିଲା ସଦର ସ୍ଥିତ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ନିଳାଦ୍ରୀ ବିଜେ ନୀତି ମଙ୍ଗଳବାର ସମ୍ପନ୍ନ ହୋଇଛି। ଜନ୍ମବେଦୀରୁ ଫେରି ଚତୁର୍ଦ୍ଧାମୂର୍ତ୍ତି ରତ୍ନବେଦୀରେ ବିରାଜମାନ କରିଛନ୍ତି। ପ୍ରାତଃ ସମୟରୁ ନୀତି ସମ୍ପନ୍ନ ହେବାପରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬.୩୦ରେ ସନ୍ଧ୍ୟା ଆଳତୀ ସରିବା ପରେ ଆରମ୍ଭ ଶ୍ରୀଜୀଉଙ୍କ ନିଳାଦ୍ରୀ ବିଜେ ପହଣ୍ଡି ଆରମ୍ଭ ହୋଇଥିଲା। ଗୋଟି ପହଣ୍ଡି ସରିବା ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା ନୀତିକାନ୍ତି। ସମସ୍ତ ନୀତି ପରେ ଚତୁର୍ଦ୍ଧାମୂର୍ତ୍ତୀ ରତ୍ନ ସିଂହାସନକୁ ବିଜେ କରିଛନ୍ତି। ଏହାପରେ ଉପସ୍ଥିତ ସମସ୍ତ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ନବରଙ୍ଗପୁର ରାଜ ପୁରୋହିତ ତଥା ଶ୍ରୀ ଜଗନ୍ନାଥ ନୀତି ପରିଚାଳନା ନିଯୋଗର ମୁଖ୍ୟ ଉପଦେଷ୍ଟା ନରସିଂହନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ନବରଙ୍ଗପୁର ଶ୍ରୀ ଜଗନ୍ନାଥ ନୀତି ପରିଚାଳନା ନିଯୋଗ ଦ୍ୱାରା ଆୟୋଜିତ ଏହି



ନୀତିରେ ଅନ୍ୟମାନଙ୍କ ମଧ୍ୟରେ ଦେବୋତ୍ତର ନିର୍ବାହୀ ଅଧିକାରୀ ରବିନ୍ଦ୍ର କୁମାର ରାଉତ, ନବରଙ୍ଗପୁର ଦେବୋତ୍ତର ସଭାପତି ସୁବାସ ଚନ୍ଦ୍ର ସୁର, ନବରଙ୍ଗପୁର ଥାନା ଅଧିକାରୀ ନରେଶ କୁମାର ପ୍ରଧାନ, ତାରିକ ଅହମ୍ମଦ, ପଣ୍ଡିତ ପ୍ରମୋଦ ଚନ୍ଦ୍ର ତ୍ରିପାଠୀ, ଜଗନ୍ନାଥ ମନ୍ଦିର ପୂଜକ ଶେଷ ଦେବ ବ୍ରହ୍ମା, ଜଗନ୍ନାଥ ବ୍ରହ୍ମା, ଦେବୀ ନାୟକ, ଲକ୍ଷ୍ମୀ ମନ୍ଦିର ପୂଜକ ରବିନ୍ଦ୍ର ନାଥ ଶତପଥୀ, ସନ୍ତୋଷ କୁମାର ସାହୁ, ସୁଧାକର ପାଢ଼ୀ, ମନ୍ଦିର ପରିଚାଳନା କମିଟି ସଭାପତି ନରସିଂହ ତ୍ରିପାଠୀ, ସତ୍ୟବାଦୀ ଷଡଙ୍ଗୀ, ଗଗନ ସୌରା, ଜଗନ୍ନାଥ ନୀତି ପରିଚାଳନା ନିଯୋଗ ଉପଦେଷ୍ଟା ରାଜେନ୍ଦ୍ର ତ୍ରିପାଠୀ, ନିଯୋଗ ସଭାପତି ନରେଶ କୁମାର ତ୍ରିପାଠୀ, ଉପ ସଭାପତି ଭବାନୀ ଶତପଥୀ, ସମ୍ପାଦକ କୁନା ପାତ୍ର, ଦୁର୍ଗା ତ୍ରିପାଠୀ, ପ୍ରମିସ ତ୍ରିପାଠୀ, ବିକ୍ରମ ଜୈନଙ୍କ ସମେତ ସମସ୍ତ ସଦସ୍ୟ, ପୋଲିସ କର୍ମଚାରୀ ଓ ତହସିଲ କର୍ମଚାରୀ, ମାଳି ସମାଜ, ଗୌଡ଼ ସମାଜ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଇନ୍ଦ୍ରାବତୀ-ତେନ୍ତୁଳିଖୁଣ୍ଟି ମଧ୍ୟରେ ଯାତାୟାତ ଠପ୍

- ତୁହାକୁ ତୁହା ବର୍ଷା
- ୪୦ ବର୍ଷରେ ପ୍ରଥମ ଥର ପ୍ରଶାସନ ନେଲା ପଦକ୍ଷେପ

ତେନ୍ତୁଳିଖୁଣ୍ଟି,୧୨।୭(ଡି.ଏନ୍.ଏ.)

ଲଗାଣ ବର୍ଷାରେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଓ ଇନ୍ଦ୍ରାବତୀ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସୋମବାର ରାତିସାରା ବର୍ଷା ଯୋଗୁ ଉପର ମୁଣ୍ଡରେ ପାଣି ଆସି ଆଉଲିଗୁମା ବ୍ରିଜ୍ ରାସ୍ତା ଉପରେ ୨ରୁ ୩ ଫୁଟ ଉପରେ ବର୍ଷାଜଳ ପ୍ରବାହିତ ହେଉଛି। ଖବର ପାଇ ତେନ୍ତୁଳିଖୁଣ୍ଟି ତହସିଲଦାର ପ୍ରଦୀପ କୁମାର କର ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଖାତିଗୁଡ଼ା ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ ନେତୃତ୍ୱରେ ଯାତାୟାତ କରୁଥିବା ଯାନବାହନ ଓ ପଥଚାରୀଙ୍କ ସୁରକ୍ଷା ନିମନ୍ତେ ନାଲି ଫିତା ବାନ୍ଧି ରାସ୍ତାକୁ ବନ୍ଦ କରାଯାଇଛି।

ପ୍ରତ୍ୟେକ ବର୍ଷ ବର୍ଷା ହେଲେ ଏହି ବ୍ରିଜ୍‌ରେ ଏଭଳି ପାଣି ରାସ୍ତା ଉପର ଦେଇ ଯାଏ। ହେଲେ ୪୦ ବର୍ଷରେ ପ୍ରଥମ ଥର ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଖାତିଗୁଡ଼ା ପୋଲିସ ସକାଳ ୧୦ ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଜଗିରହି ଲୋକଙ୍କୁ ସୁରକ୍ଷା ଯୋଗାଇଛି।



ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ନାଲି ଫିତା ବାନ୍ଧି ଲୋକଙ୍କୁ ସତର୍କ କରୁଛନ୍ତି ।

ଇନ୍ଦ୍ରାବତୀ ପ୍ରକଳ୍ପ ରାସ୍ତାଠାରୁ ଏବେ ସରକାର ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ ହଇଥିବା ବେଳେ ଇନ୍ଦ୍ରାବତୀ ଠାରୁ ୩୫ କି.ମି. ରାସ୍ତାର ସମସ୍ତ ବ୍ରିଜ୍ ନୂତନ ଭାବେ ନିର୍ମାଣ ହୋଇଥିଲେ ମଧ ଏହି ବ୍ରିଜ୍ ନିର୍ମାଣ ହୋଇନାହିଁ। ଫଳରେ ଅଞ୍ଚଳରେ ଅନେକ ସମସ୍ୟା ସୃଷ୍ଟି ହୋଇଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନୂତନ ବ୍ରିଜ୍ ନିର୍ମାଣ କରିବାକୁ ଦାବି ହୋଇଛି।

# ଜାତୀୟ ସ୍ତରରେ ସମ୍ମାନିତ ହେଲେ ମାଛଚାଷୀ ସୁଜିତ

ଉମରକୋଟ,୧୨।୭(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ସହର ନିକଟସ୍ଥ ବଡ଼ କୁମାରୀ ବଙ୍ଗୀୟ ଗ୍ରାମ ନିବାସୀ ତଥା ସଫଳ ମାଛଚାଷୀ ସୁଜିତ ଦାସ ଜାତୀୟ ସ୍ତରରେ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି। ସୁଜିତ ସମଗ୍ର ଓଡ଼ିଶାରେ ଜଣେ ସଫଳ ମାଛଚାଷୀ ଭାବେ ଖ୍ୟାତି ଅର୍ଜନ କରିଥିବା ବେଳେ ଜାତୀୟ ମତ୍ସ୍ୟଚାଷୀ ଦିବସରେ ତାଙ୍କୁ ଏସିଆର ବୃହତ୍ ସଂସ୍ଥା ଆଇସିଏଆର୍ ସିଫା ପକ୍ଷରୁ ଭୁବନେଶ୍ୱରଠାରେ ସମ୍ମାନିତ କରାଯାଇଛି। ଓଡ଼ିଶାରୁ ମାତ୍ର ୩ ସଫଳ ଚାଷୀ ଏହି ସମ୍ମାନ ନିମନ୍ତେ ମନୋନୀତ ହୋଇଥିଲେ। ସେମାନଙ୍କ ମଧ୍ୟରେ ସୁଜିତ ରହିଥିଲେ। ତାଙ୍କର ଏହି ସଫଳତା ଉମରକୋଟ ବ୍ଲକ ସମେତ ସମଗ୍ର ଜିଲା ଏବଂ ଓଡ଼ିଶା ପାଇଁ ଗର୍ବର ବିଷୟ ହୋଇଛି। ଏହା ଅନ୍ୟ ଚାଷୀଙ୍କ ପାଇଁ ମଧ ପ୍ରେରଣା ଯୋଗାଇବ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି।




ଅତିଥିମାନଙ୍କଠାରୁ ସୁଜିତ୍ ପୁରସ୍କାର ଗ୍ରହଣ କରୁଛନ୍ତି ।

# ରାଜଧାନୀରେ ପହଞ୍ଚିଲା ଗୁଣପୁର ରାଜନୀତି

- ସୁଧୀର, ଶିବ ଗୋଷ୍ଠୀଙ୍କ ଭୁବନେଶ୍ୱରରେ ଶକ୍ତି ପ୍ରଦର୍ଶନ
- ବିଡିଓଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ପତ୍ର

ଗୁଣପୁର,୧୨।୭(ଡି.ଏନ.ଏ.)

ନିର୍ବାଚନ ସରିଥିଲେ ମଧ ରାୟଗଡ଼ା ଜିଲା ଗୁଣପୁର ରାଜନୀତି ପାଣିପାଗ ପୁଣି ସରଗରମ ହୋଇଛି। ବ୍ଲକ, ପୌର, ଲାମ୍ପ୍‌ସ ଏବଂ ଗୃହ ନିର୍ମାଣ ସମବାୟ ନିର୍ବାଚନ ସରିଥିଲେ ମଧ ଗୁଣପୁର ରାଜନୀତି ପୁଣି ଚଳଚଞ୍ଚଳ ହୋଇଛି। ଏବେ ଘଟଣା ଯାଇ ଭୁବନେଶ୍ୱରରେ ପହଞ୍ଚିଛି। ଗୁଣପୁର ବ୍ଲକର ସରପଞ୍ଚ ଏବଂ ସମିତି ସଭ୍ୟମାନଙ୍କୁ ନେଇ ବିଜେଡି ଜିଲା ସଭାପତି ସୁଧୀର ଦାସ ଏବଂ ପୌର ପରିଷଦର ଉପାଧ୍ୟକ୍ଷ ଶିବ ଗୌଡ଼ ଗୋଷ୍ଠୀ ଏବେ ଭୁବନେଶ୍ୱରରେ ଡେରା ପକାଇଛନ୍ତି। ଉଭୟେ ସେମାନଙ୍କ ସମର୍ଥିତ ସରପଞ୍ଚ ଏବଂ ସମିତି ସଭ୍ୟଙ୍କୁ ନେଇ ଶକ୍ତି ପ୍ରଦର୍ଶନ କରିଛନ୍ତି।

ସୁଧୀର ଦାସଙ୍କ ଗୋଷ୍ଠୀ ପକ୍ଷରୁ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ଅତନୁ ସବ୍ୟସାଚି ନାୟକ ଏବଂ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଭେଟି ଗୁଣପୁର ଅଞ୍ଚଳର ବିଭିନ୍ନ ସମସ୍ୟା ଏବଂ ଉନ୍ନୟନ ମୂଳକ କାର୍ଯ୍ୟ





ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଯାଇଥିବା ଶିବଙ୍କ ସମର୍ଥିତ ବ୍ଲକ ଅଧକ୍ଷା ଏବଂ ସମର୍ଥକ। ମନ୍ତ୍ରୀ ଅତନୁଙ୍କ ନିକଟରେ ରାୟଗଡ଼ା ଜିଲା ବିଜେଡି ସଭାପତି ସୁଧୀର ଦାଶ ଏବଂ ତାଙ୍କ ସମର୍ଥକ।

ବିଷୟରେ ଆଲୋଚନା କରିଛନ୍ତି। ଏହି ସମୟରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ମଧ ଉପସ୍ଥିତ ଥିଲେ। ସମସ୍ତେ ମନ୍ତ୍ରୀ ଏବଂ ଅଧିକାରୀଙ୍କୁ ଭେଟିଛନ୍ତି। ଏମାନଙ୍କ ସମେତ ଶଗଡ଼ା, ଆବାଡ଼ା, ପୁଟାସିଂ, କୁଲୁସିଂ, ଚିନାସାରି, ରେଗେଡ଼ା, ଗାଦିଆଖଳା, ଜଗନ୍ନାଥପୁର ସରପଞ୍ଚଙ୍କ ସମେତ ଆବାଡ଼ାର ସମିତି ସଭ୍ୟ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଶିବ ଗୋଷ୍ଠୀଙ୍କ ସମର୍ଥିତ ବ୍ଲକ ଅଧକ୍ଷା ଝିଲିଶବର, ଉପାଧକ୍ଷ ସୁଦର୍ଶନ ଶବର, ଜଲତାର, ପୁଟାସିଂ, ଗୋଠଲପଦର, ମରମା, ଭୀମପୁର, ଶଗଡ଼ା, ଆବାଡ଼ା, ବାଗଶଳା, କଲୁସିଂର ସମିତି ସଭ୍ୟଙ୍କ ସମେତ ଘନାନ୍ତ୍ରି, ଚାଲକମ୍ବା, ଡମ୍ବସରା, ବାଗଶଳା, ଭୀମପୁର, ଆବାଡ଼ା, ଶିରିଝୋଲି ସରପଞ୍ଚ, ଟିଟିମିରି ସରପଞ୍ଚ, ଗୋଠଲପଦର, ମରମା ସରପଞ୍ଚ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏକ ଲିଖିତ ଅଭିଯୋଗ ଜଣାଇଛନ୍ତି। ଅଭିଯୋଗ ପତ୍ରରେ ଗୁଣପୁର ବିଡିଓ ଶାନ୍ତିପ୍ରଭା ପ୍ରଧାନ ବିଭିନ୍ନ ଠିକାକାମ, କୋଭିଡ ପରିଚାଳନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରୁର୍‌ବାନ କାର୍ଯ୍ୟ ସମେତ ଅନେକ ଦୁର୍ନୀତିରେ ଲିପ୍ତ ଥିବା ଅଭିଯୋଗ ହୋଇଛି। ଆଉ କେତେକ ଲୋକ ପ୍ରତିନିଧି ଉଭୟ ଗୋଷ୍ଠୀରେ ଥିବା ମଧ ଶୁଣିବାକୁ ମିଳିଛି। ଏପରି ଘଟଣା କ୍ରମକୁ ନେଇ ଗୁଣପୁର ରାଜନୀତି ଏବେ ରାଜଧାନୀରେ ପହଞ୍ଚିଥିବା ବେଳେ ଉଭୟେ ନିଜ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ପୌର ନିର୍ବାଚନ ଠାରୁ ଗୁଣପୁର ରାଜନୀତିରେ ନିରବ ଥିବା ସୁଧୀର ଦାସ ପୁଣି ଥରେ ଚଞ୍ଚଳତା ଦେଖାଇଛନ୍ତି। ବ୍ଲକ ନିର୍ବାଚନ ଠାରୁ ଆରମ୍ଭ କରି ପୌର ନିର୍ବାଚନ, ଲାମ୍ପ୍‌ସ ଏବଂ ଗୃହ ନିର୍ମାଣ ସମବାୟ ସମିତି ନିର୍ବାଚନରେ ବିଜେଡି ଜଳକା ହୋଇ ରହିଯାଇଥିବା ବେଳେ ସୁଧୀରଙ୍କୁ ଶକ୍ତ ଧକ୍କା ଲାଗିଛି। ଏବେ ପୁଣି ସେ ଗୁଣପୁର ରାଜନୀତିରେ ସକ୍ରିୟ ହୋଇଥିବା ବେଳେ ଉଭୟ ଗୋଷ୍ଠୀ ମଧ୍ୟରେ ଥିବା ତିକ୍ତତା ରାଜଧାନୀରେ ପହଞ୍ଚିଛି।

